ସକାଳ THE SAKALA



www.sakalaepaper.com

ନିଶାମୁକ୍ତ ଅଭିଯାନ

### ଆନ୍ତଃଜିଲ୍ଲା ଗଞ୍ଜେଇ ଚୋରା ଚାଲାଣ ରାକେଟର ପର୍ଦ୍ଦାଫାସ

# ୨୦ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ; ୩ ଗିରଫ



**ଝାରସୁଗୁଡ଼ା, ୨୬।୪(ସମିସ)**

ଝାରସୁଗୁଡା ଜିଲ୍ଲାରେ ଚାଲିଥିବା 'ନିଶା ମୁକ୍ତ ଅଭିଯାନ'କୁ ଏକ ବଡ଼ ସଫଳତା ମିଳିଛି। ଝାରସୁଗୁଡ଼ା ସଦରଥାନା ପୁଲିସ ଏକ ଆନ୍ତଃଜିଲ୍ଲା ଗଞ୍ଜେଇ ଚୋରାଚାଲାଣ ରାକେଟର ପର୍ଦ୍ଦାଫାଶ କରିଛି। ୨୦ କିଲୋରୁ ଊର୍ଦ୍ଧ୍ୱ ଓଜନର ଗଞ୍ଜେଇ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲ୍ଲାର ଦିବ୍ୟ ଶଙ୍କର ନାଏକ (୫୫), ସନତ ନାଏକ (୨୪) ଏବଂ ସମୀର ପ୍ରଧାନ (୧୯)। ଝାରସୁଗୁଡା ସଦରଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ଥାନାର ବିଭିନ୍ନ ସ୍ଥାନରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରିଥିଲା। ଏହି ଅପରେସନ ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଓ ସାକ୍ଷୀଙ୍କ ଉପସ୍ଥିତିରେ ଏନ୍‌ଡିପିଏସ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ସମସ୍ତ ନିଷିଦ୍ଧ ସାମଗ୍ରୀକୁ ଜବତ କରିବା ସହ ଉପରୋକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କଠାରୁ ଠାରୁ ୨୦ କିଲୋ ୪୨୫ ଗ୍ରାମ ଗଞ୍ଜେଇ ସହ ୨ଟି ବାଇକ, ୩ଟି ମୋବାଇଲ, ନଗଦ ୩୨୫୦ ଟଙ୍କା ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହି ଅଭିଯୁକ୍ତମାନେ ବାହାର ଜିଲ୍ଲାରୁ ଗଞ୍ଜେଇ ଆଣି ଝାରସୁଗୁଡ଼ାରେ ବିକ୍ରି କରୁଥିବା ଜଣାପଡ଼ିଛି। ବିଶେଷ କରି ସେମାନେ ଅଞ୍ଚଳର ଯୁବପିଢ଼ିଙ୍କୁ ଟାର୍ଗେଟ୍ କରୁଥିଲେ। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତଙ୍କ କାର୍ଯ୍ୟକୁ ଜିଲ୍ଲାରେ ବେଶ ପ୍ରଶଂସା କରାଯାଇଛି।

## ୨୧ କିଲୋ ଗଞ୍ଜେଇ ଜବତ; ୩ ଗିରଫ

### ଜିଲ୍ଲାରୁ ନିଶା କାରବାର ସମ୍ପୂର୍ଣ୍ଣ ମୂଳପୋଛ ହେବ: ଏସ୍‌ପି

**ଝାରସୁଗୁଡ଼ା, ୨୬।୪(ସମିସ):** ଝାରସୁଗୁଡ଼ା ପୁଲିସର ନିର୍ଦ୍ଦେଶକ୍ରମେ ରେଙ୍ଗାଲି ଥାନା ପୋଲିସ ଶନିବାର ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶନିବାର ଅପରାହ୍ନରେ ରେଙ୍ଗାଲି ପୋଲିସ ଏନ୍‌ଏଚ-୪୯ ର ଘଣ୍ଟେଶ୍ୱରୀ ମନ୍ଦିର ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ସନ୍ଦିଗ୍ଧ ମୋଟରସାଇକେଲକୁ ଅଟକାଇଥିଲେ। ଯାଞ୍ଚ ସମୟରେ ଏକ ପ୍ଲାଷ୍ଟିକ ବ୍ୟାଗରୁ ବେଆଇନ ଗଞ୍ଜେଇ ମିଳିଥିଲା। ପୁଲିସ ତୁରନ୍ତ ଘଟଣାସ୍ଥଳରୁ ଦୁଇ ଜଣଙ୍କୁ କାବୁ କରିବା ସହ ସେମାନଙ୍କ ସୂଚନା ଆଧାରରେ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରେଙ୍ଗାଲି ଥାନା ଅନ୍ତର୍ଗତ ସେମିଲିଆ ଗ୍ରାମ ର କୁଶ ସା (୩୦) ଏବଂ ସୁନ୍ଦରଗଡ଼ କୁରେଇବଗା ଗ୍ରାମର ଗଣେଶ କିଷାନ (୨୪), ଝାରସୁଗୁଡା ମଧୁବନ ନଗରର ଗଣେଶ ପ୍ରଧାନ (୩୩) ବୋଲି ଜଣାପଡ଼ିଛି। ସେମାନଙ୍କ ଠାରୁ ୨୧ କେଜି ୨୬ ଗ୍ରାମ ଗଞ୍ଜେଇ, ଦୁଇଟି ବାଇକ, ୩ଟି ସ୍ମାର୍ଟଫୋନ ଏବଂ ନଗଦ ୫୪, ୦୦୦ ଟଙ୍କା ଜବତ କରାଯାଇଛି। ରେଙ୍ଗାଲି ପୁଲିସ କେସ ନଂ-୧୧୭/୨୦୨୬ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଜିଲ୍ଲାରୁ ନିଶା କାରବାରକୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ପାଇଁ ପୁଲିସ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରେସ ନୋଟ ମାଧ୍ୟମରେ ଝାରସୁଗୁଡ଼ା ଏସ୍‌ପି ଜିଆର୍ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।



## ପଣ୍ଡିତ ମାତାଦୀନଙ୍କ ଜୟନ୍ତୀ



**ଝାରସୁଗୁଡା, ୨୬।୪(ସମିସ):** ଝାରସୁଗୁଡ଼ା ଜିଲ୍ଲାର ବାଗଡ଼ିହିରେ ପଣ୍ଡିତ ମାତାଦୀନ ଶର୍ମାଙ୍କ ୮୬ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ମିଠା, ସରବତ ଓ ଫଳ ବଣ୍ଟନ କରାଯାଇଥିଲା। ଏଥିସହ ସଡ଼କ ସୁରକ୍ଷା ବିଷୟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ପଣ୍ଡିତ ଅଜୟ କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଗଡ଼ିହି ଫାଣ୍ଡି ଅଧିକାରୀ ଦଶରଥ ଟୁଡୁ, ଛତ୍ରପତି ଶିବାଜୀ ବାରିକ, ପିୟୁଷ ଶର୍ମା, ପପ୍ପୁ ଅଗ୍ରୱାଲ, ରମେଶ ଅଗ୍ରୱାଲ, ସନ୍ତୋଷ ବାରିକ, ସୁରେନ୍ଦ୍ର ଯାଦବ, ଦିଲୀପ ପାଣ୍ଡେ, ଧୀରେନ୍ଦ୍ର କୁମାର ମେହେର, ପିତୃ ସେକା, ଦୁଃଖ ବନ୍ଧୁ ଖର୍ସେଲ, ବୈଶାଖୁ ମୁଣ୍ଡା, ମାନସ ତ୍ରିପାଠୀ, ସରୋଜ ନାୟକ ସହିତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ବିଜେପିର ଜନଆକ୍ରୋଶ ପଦଯାତ୍ରା




**ଝାରସୁଗୁଡ଼ା, ୨୬।୪(ସମିସ):** ଭାରତୀୟ ଜନତା ପାର୍ଟି(ବିଜେପି) ଝାରସୁଗୁଡ଼ା ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର ଜନ ଆକ୍ରୋସ ମହିଳା ସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ସ୍ଥାନୀୟ ବେହେରାମାଲ ସ୍ଥିତ କିଷାନ ଛକଠାରୁ ଏହି ପଦଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ମହିଳାମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରୀନା ପଟେଲ, ବ୍ରଜରାଜନଗର ବିଧାନସଭା ସଂଯୋଜିକା ସୁଜାତା ସେଠ, ଝାରସୁଗୁଡ଼ା ବିଧାନସଭା ସଂଯୋଜିକା ପଦ୍ମିନୀ ପଟେଲ, ଲଖନପୁର ସରପଞ୍ଚ ଆରତୀ ପ୍ରଧାନ, ବ୍ରଜରାଜନଗର କାଉନସିଲର ଉଷାରାଣୀ ଚାନ୍ଦ, ବରିଷ୍ଠ କାର୍ଯ୍ୟକର୍ତ୍ତା ତିଳୋତ୍ତମା ଛଛାନ, ନଳିନୀ ପ୍ରଧାନ, ପ୍ରେମସେନ ରାୟ ଓ ବିମଳେନ୍ଦୁ ଭୋଲ ପ୍ରମୁଖ ଉପସ୍ଥିତ ଥିଲେ।




**ଦେବଗଡ଼:** ଦେବଗଡ଼ ଜିଲ୍ଲା ବିଜେପି ପକ୍ଷରୁ ଆଜି ଜନ ଆକ୍ରୋସ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଗୋପାଳଜୀ ମନ୍ଦିରରୁ ଏହି ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ବଡବଗିଚା ପଡ଼ିଆରେ ପହଞ୍ଚିଥିଲା। ସେଠାରେ ଦେବଗଡ଼ ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱ ଓ ଉପସଭାପତି ସତ୍ୟ ନାରାୟଣ ପାଣିଙ୍କ ସଂଯୋଜନାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ପ୍ରମିଳା କିସାନ, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, କାଉନସିଲର ଇତିଶ୍ରୀ ମିଶ୍ର, କାଉନସିଲର ସରୋଜିନୀ ମୁଣ୍ଡା ଓ ଜିଲା ବିଜେପି ସମ୍ପାଦିକା ପ୍ରିତୀ ପରମିତା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ବିଜେପି ଉପସଭାପତି ଇଂ.ସୁଜିତ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ମୀନକେତନ ପ୍ରଧାନ, ସରୋଜ କୁମାର ପାଢ଼ୀ, ମହନ୍ତ କୁମାର ବେହେରା, ସମ୍ପାଦକ ସୁଧିର କୁମାର ବ୍ରହ୍ମା, ଭୋଳେଶ୍ୱର ପ୍ରଧାନ, ମୁନସୁନ ସାହୁ, ଜିଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ବିରଞ୍ଚି ବେହେରା, ଅକାଲୁ ଧଳ, ସୁଶୀଳ କୁମାର ଭୋଇ, ବିରେନ କୁମାର ନାୟକ, ପ୍ରତାପ କୁମାର ପଣ୍ଡା, କାର୍ତ୍ତୀକ ମହାକୁଳ, ସୁଧାଂଶୁ ପ୍ରଧାନ ଓ ପୂର୍ବତନ ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାସ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

## ନିରଞ୍ଜନ ବିଶିଙ୍କୁ 'ପ୍ଲାକ୍ ଅଫ୍ ଅନର' ସମ୍ମାନ




**ବରଗଡ଼, ୨୬।୪(ସମିସ):** ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ଇଣ୍ଡିଆନ କାଉନସିଲ ଅଫ ଜୁରିଷ୍ଟସ୍ ଓ ଅଲ୍ ଇଣ୍ଡିଆ ବାର ଆସୋସିଏସନ ପକ୍ଷରୁ ପ୍ରତିଷ୍ଠିତ 'ପ୍ଲାକ୍ ଅଫ ଅନର' ସମ୍ମାନରେ ସମ୍ମାନିତ କରାଯାଇଛି। ଦିଲ୍ଲୀ ସ୍ଥିତ ଭାରତୀୟ ଆଇନ ପ୍ରତିଷ୍ଠାନରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ସୁପ୍ରିମ କୋର୍ଟ, ହାଇକୋର୍ଟ ଏବଂ ଭାରତର ବିଭିନ୍ନ ରାଜ୍ୟର ନ୍ୟାୟାଳୟରେ କାର୍ଯ୍ୟରତ ଆଇନଜୀବୀ ଯୋଗ ଦେଇଥିଲେ। ଶ୍ରୀ ବିଶିଙ୍କ ଉତ୍କୃଷ୍ଟ ବୃତ୍ତିଗତ ସେବା, ସତ୍ୟନିଷ୍ଠା, ସମର୍ପିତ କାର୍ଯ୍ୟ, ଉଚ୍ଚକୋଟିର ବକ୍ତୃତ୍ୱ, ଗଭୀର ଆଇନ ଜ୍ଞାନ ଓ ନ୍ୟାୟ ଏବଂ ଆଇନର ଶାସନ ପ୍ରତି ଅତୁଟ ପ୍ରତିବଦ୍ଧତା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଡ. ଆଦିଶ ଅଗ୍ରୱାଲ, ଇଣ୍ଡିଆନ କାଉନସିଲ ଅଫ୍ ଜୁରିଷ୍ଟସ୍ ଓ ଅଲ୍ ଇଣ୍ଡିଆ ବାର ଆସୋସିଏସନର ଅଧ୍ୟକ୍ଷ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗଙ୍କ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ନିରଞ୍ଜନ ବିଶି ଏହି ସମ୍ମାନ ପାଇଁ କୃତଜ୍ଞତା ଜଣାଇ ସମାଜସେବା, ସମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ଓ ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବାରେ ନିରନ୍ତର କାର୍ଯ୍ୟରତ ରହିବେ ବୋଲି କହିଛନ୍ତି।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ନୂଆପଡ଼ା/କୋମନା, ୨୬।୪(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା କୋମନା ସଦରମହକୁମାର ରାଣୀବନ୍ଧ ପୋଖରୀରେ ବୁଡି କୁଞ୍ଜ ବିହାରୀ ମହାରଥା ନାମକ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ କୁଞ୍ଜ ବିହାରୀ ରାଣୀବନ୍ଧ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ହଠାତ ଗଭୀର ପାଣି ବୁଡି ଯାଇଥିଲେ। ପରେ ଶବ ପାଣି ଭିତରେ ଭାସୁଥିବା ଲୋକେ ଦେଖି ପୁଲିସକୁ ଜଣାଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲା ପୁଲିସ ପକ୍ଷରୁ ମୋବାଇଲ ଫେରସ୍ତ ମେଳା

**ଦେବଗଡ଼, ୨୬।୪(ସମିସ):** ଦେବଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ଆଜି ମୋବାଇଲ ଫୋନ ଫେରସ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳା ଜରିଆରେ ଆଜି ମୋବାଇଲ ହଜାଇଥିବା / ହରାଇଥିବା ବହୁ ବ୍ୟକ୍ତି ନିଜର ମୋବାଇଲ ଗୁଡିକ ଫେରି ପାଇଛନ୍ତି। ସେମାନଙ୍କୁ ଦେବଗଡ଼ ଜିଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର ନିଜେ ସେଗୁଡିକୁ ଫେରାଇଥିବା ବେଳେ ମୋବାଇଲ ଗୁଡିକୁ ଗ୍ରହଣ କରି ବେଶ ଖୁସି ବ୍ୟକ୍ତ କରି ପୁଲିସ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ, ଦେବଗଡ଼ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲା ଏବଂ ରାଜ୍ୟ ବାହାରର ୬୦ ଜଣଙ୍କର ମୋବାଇଲ ଫୋନ ଚୋରି ହୋଇଥିବା/ ହଜିଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅଧାରରେ ପୁଲିସ ନିଖୋଜ କିମ୍ବା ଚୋରୀ ମାମଲା ରଜୁକରି ଘଟଣାର ତଦନ୍ତ ଚଳାଇଥିଲା। ସେଥିମଧ୍ୟରୁ ୨୫ ଟି ମୋବାଇଲ ଫୋନ ପୋଲିସ ଉଦ୍ଧାର କରିବାରେ ଦେବଗଡ଼ ପୁଲିସ ସଫଳ ହୋଇଥିଲା। ଏଥିସହ ଏନେଇ ମୋବାଇଲ ମାଲିକଙ୍କୁ ସୂଚନା ଦିଆଯିବା ସହ ଉଦ୍ଧାର ମୋବାଇଲ ଗୁଡିକୁ ସମ୍ପୃକ୍ତ ମୋବାଇଲ ଗୁଡିକର ମାଲିକମାନଙ୍କୁ ହସ୍ତାନ୍ତର ନିମନ୍ତେ ପୁଲିସ ପକ୍ଷରୁ 'ମୋବାଇଲ ଫେରସ୍ତ ମେଳା' ଆୟୋଜିତ ହୋଇଥିଲା। ଏହି ମେଳାରେ ଆଜି ମୋବାଇଲ ନେବା ପାଇଁ ୧୨ ଜଣ ଆସିଥବା ବେଳେ ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ଦେବଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର ସେମାନଙ୍କୁ ଉଦ୍ଧାର ମୋବାଇଲ ଗୁଡିକ ଫେରସ୍ତ କରିଥିଲେ। ସେହିପରି ଅନୁପସ୍ଥିତ ଥିବା ଅନ୍ୟ ୧୩ ଜଣ ମୋବାଇଲ ମାଲିକଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ମୋବାଇଲ ଫେରସ୍ତ କରାଯିବ ଏବଂ ଅବଶିଷ୍ଟ ମୋବାଇଲ ଗୁଡିକୁ ମଧ ଉଦ୍ଧାର ନିମନ୍ତେ ଉଦ୍ୟମ ଜାରୀ ରହିଛି ବୋଲି ଆରକ୍ଷୀ ଅକ୍ଷକ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଏହାଦ୍ୱାରା ପୁଲିସ ପ୍ରତି ଲୋକଙ୍କର ବିଶ୍ୱାସ ଅଧିକ ବୃଦ୍ଧି ପାଇବାସହ ଲୋକେ ନିଜର ମୋବାଇଲ ଫେରି ପାରିବେ ବୋଲି ସେ ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ କୁମାର ଚୋପଦାର, ଦେବଗଡ଼ ସାଇବର ଥାନା ଅଧିକାରୀ ତଥା ଡିଆଇବି ଡିଏସ୍‌ପି ପବିତ୍ର କିସାନ, ଦେବଗଡ଼ ଥାନା ଅଧିକାରୀ ସବ୍ୟଶାଚୀ ଶତପଥି ଓ ସାଇବର ଥାନା ଇନ୍ସପେକ୍ଟର ତ୍ରିଲୋଚନ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ହାବିଲଦାର କନଷ୍ଟେବଲ ସଂଘର ସଭାପତି ଯୋଗେନ୍ଦ୍ର ସାହୁ ଓ ସମ୍ପାଦକ ସଞ୍ଜୀଭ ବେହେରାଙ୍କ ସମେତ ବହୁ ପୁଲିସ କର୍ମଚାରୀ ସକ୍ରୀୟ ସହଯୋଗ କରିଥିଲେ।



## ବୁଦ୍ଧ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି

**ବରଗଡ଼, ୨୬।୪(ସମିସ):** ବରଗଡ଼ ବ୍ଲକ ବଗେଇବିରା ନାଗାର୍ଜୁନ ବୁଦ୍ଧବିହାରଠାରେ ବୁଦ୍ଧ ପୂର୍ଣ୍ଣିମା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ପୁରନ୍ଦର ଭୋସାଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଅବିନାଶ ବାଗ୍, କୋଷାଧ୍ୟକ୍ଷ ଯୁଧିଷ୍ଠିର ବିଭାର, ଆନନ୍ଦ କୁଅଁର, ପ୍ରଶାନ୍ତ କୁମାର ସିଂ, ଅଚ୍ୟୁତ ସର, ସଞ୍ଜୟ କୁମ୍ଭାର, ଦିଲେଶ୍ୱର ସିଂ, ବାଳମୁକୁନ୍ଦ ଜଗଦଲା, ଆଶିଷ କୁମାର ସୁନକ, ଯକ୍ତବନ୍ଦନ ଦେହେଲିଆ, ସମୀର ବରିହା ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରକୃତିପ୍ରେମୀ ମନୋହର

## ପେସା ଶିକ୍ଷକତା, ନିଶା ପରିବେଶ ଓ ଜୀବଜନ୍ତୁ ସୁରକ୍ଷା

**ବରଗଡ଼, ୨୬।୪(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଝାରପାଲି ଗ୍ରାମର ଇଳାବତୀ ସାହୁ ଓ ସ୍ୱର୍ଗତ ବୈକୁଣ୍ଠ ସାହୁଙ୍କ ଦ୍ୱିତୀୟ ସନ୍ତାନ ମନୋହର ସାହୁଙ୍କ ପେଶା ଶିକ୍ଷକତା ଥିବା ବେଳେ ପରିବେଶ ଓ ଜୀବଜନ୍ତୁଙ୍କ ସୁରକ୍ଷା ତାଙ୍କର ନିଶା। ଯାହାକୁ ନେଇ ସେ ଅଞ୍ଚଳରେ ବେଶ୍ ଚର୍ଚ୍ଚିତ ରହିଛନ୍ତି। ୨୦୧୧ ମସିହାରେ ସରକାରୀ ବିଜ୍ଞାନ ଶିକ୍ଷକ ଭାବେ ନୂଆପଡ଼ା ଜିଲ୍ଲାରେ ଯୋଗଦାନ କରି ଦଶ ବର୍ଷ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ତୁମେରପାଣି, ନୂଆପଡ଼ାରେ ଶିକ୍ଷକତା କରି ବିଦ୍ୟାଳୟରେ ସବୁଜ ବଳୟ ସୃଷ୍ଟି କରିଥିଲେ। ପରେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କମଳ ସିଂ ଦାଉ ସରକାରୀ ଉଚ୍ଚ ବିଦ୍ୟାଳୟ ଲଖନପୁରରେ ବିଦ୍ୟାଳୟ ହତାରେ ବଟଲ ପାମ, ଦେବଦାରୁ ଆଦି ବୃକ୍ଷ ରୋପଣ କରି ସବୁଜ ବଳୟ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ଶ୍ରୀ ସାହୁ ଝାରପାଲି, ଦ୍ୱାରି, କୁଠାରପାକି ତ୍ରିବେଣୀ ଛକରେ ୮ ରୁ ୧୦ଟି ବର ଓ ପିପଲ ବୃକ୍ଷ ରୋପଣ କରି ପ୍ରଚଣ୍ଡ ରୌଦ୍ର ତାପରେ ପାଣି ଦେଉଛନ୍ତି। ବର୍ଷା ଋତୁରେ ଶ୍ରୀ ସାହୁ ଘଡଘଡି, ବିଜୁଳିରୁ ସୁରକ୍ଷା ପାଇଁ ୧୮୦ରୁ ଅଧିକ ତାଳ ଗଛ ଚାରା ରୋପଣ କରିଛନ୍ତି। ବର୍ତ୍ତମାନ ଏହି ପ୍ରଚଣ୍ଡ ଖରାରେ ପକ୍ଷୀମାନେ ପାଣି ପାଇଁ ଡହକବିକଳ ହେଉଥିବା ବେଳେ ତ୍ରିବେଣୀ ଛକରୁ ଝାରପାଲି ରାସ୍ତାରେ ଛୋଟ ଛୋଟ ମାଠିଆରେ ପାଣି ଭର୍ତ୍ତି କରି ଚଢେଇଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରିଛନ୍ତି। ତ୍ରିବେଣୀ ଛକ ନଳକୂପରୁ ପାଣି ମାରିବା ବହୁତ କଷ୍ଟ ହେଲେ ମଧ ଶ୍ରୀ ସାହୁ ବହୁ କଷ୍ଟେ ମଷ୍ଟେ ଖରାରେ ଗଛମାନଙ୍କୁ ପାଣି ଦେଉଛନ୍ତି। ଇକୋ କ୍ଲବ୍‌ରେ ବିଦ୍ୟାଳୟରେ ବୃକ୍ଷ ରୋପଣ, ଏକ ପେଡ ମା କେ ନାମରେ ଶତାଧିକ ବୃକ୍ଷ ରୋପଣ କରି ଶିକ୍ଷକତାକୁ ନିଜର ବ୍ରତ ରୂପେ ନେଇ ସମାଜରେ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଏହା ସହ ପ୍ରକୃତି ବନ୍ଧୁ ବୈଷ୍ଣବ ଭୋଇ ଓ ଅନ୍ୟମାନଙ୍କ ସହ ବାରପାହାଡ଼ର ପ୍ରକୃତି ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି। ଏଥିରେ ପତ୍ନୀ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପ୍ରଧାନ, ପୁଅ ବୋଧକ ଓ ଝିଅ କଳ୍ପିତା ମଧ୍ୟ ସହଯୋଗ କରୁଛନ୍ତି।



## ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ଦେବଗଡ଼ ରାଜ୍ୟରେ ପ୍ରଥମ

**ଦେବଗଡ଼, ୨୬।୪(ସମିସ)**

୨୦୨୫-୨୬ ଆର୍ଥିକ ବର୍ଷରେ ଗ୍ରାମୀଣ ଆବାସ ଯୋଜନାର ସଫଳ ରୁପାୟନ କରି ଦେବଗଡ଼ ଜିଲ୍ଲା ଏକ ଅନନ୍ୟ ସଫଳତା ହାସଲ କରିଛି। ଗ୍ରାମୀଣ ଆବାସ ଯୋଜନାର ସଫଳ ରୂପାୟନ କରି ରାଜ୍ୟର ଅନ୍ୟ ୨୯ ଟି ଜିଲ୍ଲାକୁ ପଛରେ ପକାଇ ଦେବଗଡ଼ ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସଫଳତା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୨୪ ତାରିଖ ଦିନ ବଲାଙ୍ଗୀର ଠାରେ ଅୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ ଅବସରରେ ଦେବଗଡ଼ ଜିଲ୍ଲା ପରିଷଦକୁ ପୁରସ୍କୃତ କରିଛନ୍ତି। ଦେବଗଡ଼ ଜିଲ୍ଲା ପରିଷଦର ସଭାପତି କୌଶିକ୍ କୁମାର ପ୍ରାଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ ମୁଖ୍ୟମନ୍ତ୍ରୀଙ୍କ ଠାରୁ ମାନପତ୍ର ସହ ୧୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ମିଞ୍ଜ ଏହି ସଫଳତା ପାଇଁ ଜିଲ୍ଲା ପରିଷଦ ତଥା ବ୍ଲକସ୍ତରୀୟ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଅଗାମୀ ବର୍ଷମାନଙ୍କରେ ସମସ୍ତ କର୍ମଚାରୀମାନଙ୍କୁ ଏହିଭଳି ଏକାଗ୍ରଚିତ ହୋଇ ପରିଶ୍ରମ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଦେବଗଡ଼ ଜିଲ୍ଲା ପାଇଁ ଏହା ଏକ ଅଭୁଲା ଅନୁଭୁତି ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ଏହି ସଫଳତା ସାରା ଦେବଗଡ଼ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଥିବାବେଳେ ଏହି କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି।



### ନୃସିଂହନାଥ ପୀଠରେ ବୈଶାଖ ମେଳା ଆରମ୍ଭ

# ମହାଯଜ୍ଞସ୍ଥଳରେ କଳସ ସ୍ଥାପନ

**ପାଇକମାଳ, ୨୬।୪ (ସମିସ):** ପଶ୍ଚିମଓଡ଼ିଶା ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଥିବା ନୃସିଂହନାଥ ପୀଠରେ ବୈଶାଖ ମେଳା ରବିବାର ସନ୍ଧ୍ୟାରେ ଆରମ୍ଭ ହୋଇଯାଇଛି। ଭବ୍ୟ କଳସ ଶୋଭାଯାତ୍ରାରେ ବାହାରି ମା ଭଉଣୀ ତଥା ଭକ୍ତମାନେ ଝରଣାର ଚାଳଧାର ଘାଟରେ ପବିତ୍ର ପାଣି କଳସରେ ଆଣି ନୃସିଂହନାଥ ମନ୍ଦିର, ଶିବ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଶ୍ରୀରାମ ମନ୍ଦିର, ବିନ୍ଧ୍ୟବାସିନୀ ମନ୍ଦିର ଓ ଅନ୍ୟ ପାର୍ଶ୍ୱ ଦେବାଦେବୀ ମନ୍ଦିରକୁ କଳସ ଯାତ୍ରାରେ ଯାଇ ପୂଜା ଅର୍ଚ୍ଚନା କରିବା ସହ ବିଶ୍ୱଶାନ୍ତି ମହାଯଜ୍ଞ ପୀଠରେ କଳସ ସ୍ଥାପନ କରିଥିଲେ। କର୍ତ୍ତାଭାବେ ଚୂଡ଼ାମଣି ଭୂଏ ଓ ତାଙ୍କ ଧର୍ମ ପତ୍ନୀ ସନ୍ତୋଷୀନି ଭୂଏ ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ ଡ଼ିଗ୍ରୀଧର ଦେବତାଙ୍କ ସହ ମୁନା ଦେବତା କାର୍ଯ୍ୟ ତୁଲାଇ ଥିଲେ। କଳସ ଯାତ୍ରାରେ ପାଇକମାଳ, ମାଣ୍ଡୋସିଲ, ପଦ୍ମପୁର, ଝାରବନ୍ଧ ଆଦି ଅଞ୍ଚଳର ବହୁ ସଂଖ୍ୟାର ଭକ୍ତମାନେ ସାମିଲ ହୋଇଥିଲେ। ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ଏବିଡିଓ ଦେବାଶିଷ ସିହ୍ନା, ମନ୍ଦିର କାର୍ଯ୍ୟନିର୍ବାହି ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ବୈଶାଖ ମେଳା କମିଟିର ସଭ୍ୟମାନେ ନିଜ ନିଜର ଦାୟିତ୍ୱ ତୁଲାଉଥିଲେ। ୨୭ ତାରିଖ ବିଶ୍ୱଶାନ୍ତି ମହାଯଜ୍ଞ ସହ ନୃସିଂହ ବିଜ ମନ୍ତ୍ର ଜପ କରାଯିବ। ୨୮ ତାରିଖ ଠାରୁ ୧ ତାରିଖ ପର୍ଯ୍ୟନ୍ତ ବିନ୍ଧ୍ୟବାସିନୀ ଓ ମାର୍ଜାର କେଶରୀ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦେଇଛନ୍ତି। ପୁଲିସ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଦମକଳ ବିଭାଗୀୟ କର୍ମଚାରୀମାନେ ନିଜ ନିଜର ଦାୟିତ୍ୱ ତୁଲାଉଛନ୍ତି।



# ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସୁଛି କଂକ୍ରିଟ

**ଝାରବନ୍ଧ, ୨୬।୪(ସମିସ)**

ଝାରବନ୍ଧ ବ୍ଲକ ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ କଂକ୍ରିଟ ଖସୁଥିବାରୁ ରୋଗୀ ଓ ଡାକ୍ତରଙ୍କ ପାଇଁ ଚିନ୍ତାର କାରଣ ହୋଇପଡ଼ିଛି। ଜରାଜୀର୍ଣ୍ଣ ଓ ଅସୁରକ୍ଷିତ ଭବନରେ ଚାଲୁଥିବା ଏହି କେନ୍ଦ୍ରକୁ ଲୋକେ 'ମୃତ୍ୟୁ ଫାନ୍ଦ' ଭାବରେ ଅଭିହିତ କରୁଛନ୍ତି। ହସ୍ପିଟାଲର ଅବସ୍ଥା ଏତେ ଦୟନୀୟ ଯେ, ଆୟୁସ ଓପିଡି, ଅଂଶୁଘାତ କକ୍ଷ, ପଟି ବନ୍ଧେଇ କକ୍ଷ, ଇନ୍‌ଡୋର ହଲ, ଔଷଧ ବିତରଣ କେନ୍ଦ୍ର, ଇଞ୍ଜେକ୍ସନ ରୁମ୍ ଓ ଜେନେରାଲ ଓପିଡି ଛାତରୁ ସିମେଣ୍ଟ ଖସୁଥିବା ଦୃଶ୍ୟ ଦେଖାଯାଉଛି। ସମ୍ପ୍ରତି ଘଟିଥିବା ଏକ ଘଟଣା ଏହି ଭୟକୁ ଆହୁରି ଗଭୀର କରିଛି। ଚିକିତ୍ସା ଚାଲୁଥିବା ବେଳେ ହଠାତ୍ ଛାତରୁ ସିମେଣ୍ଟ ଅତଡ଼ା ସହିତ ସିଲିଂ ଫ୍ୟାନ ଖସି ପଡ଼ିଥିଲା। ଭାଗ୍ୟବଶତଃ କୌଣସି ଜୀବହାନି ହୋଇନଥିଲେ ମଧ୍ୟ, ଏହା ଆଗାମୀ ବଡ଼ ବିପଦର ଚେତାବନୀ ବୋଲି ମନେ କରାଯାଉଛି। ପ୍ରତିଦିନ ଏହି କେନ୍ଦ୍ରକୁ ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧ ଓ ସାଧାରଣ ରୋଗୀମାନେ ଆସୁଛନ୍ତି। ଚିକିତ୍ସା ପାଇଁ ଆସି ଭୟରେ ରହିବାକୁ ପଡୁଛି ବୋଲି କହୁଛନ୍ତି। ଅନ୍ୟପଟେ ବର୍ଷା ଦିନରେ ଛାତରୁ ପାଣି ଝରିବା ଘଟଣା ହସ୍ପିଟାଲର ସ୍ଥିତିକୁ ଆହୁରି ଦୟନୀୟ କରେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମସ୍ୟା ଦୀର୍ଘଦିନ ଧରି ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇନାହିଁ। ବିଶେଷଜ୍ଞ ଡାକ୍ତର ଅଭାବ ସହ ଏବେ ଭବନସୁରକ୍ଷା ନେଇ ଗଭୀର ସଙ୍କଟ ସୃଷ୍ଟି ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



# କଠିନ ପରିଶ୍ରମ କରି ସଫଳତା ହାସଲ କଲେ ସୁଜାତା



**ବରଗଡ଼, ୨୬। ୪(ସମିସ):** ସରକାରୀ ମାଧ୍ୟମିକ ବିଦ୍ୟାଳୟ ପାଇଁ (ଏଲ୍‌ଟିଆର) ଯୋଜନା ଅଧୀନରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ସଂସ୍କୃତ ଶିକ୍ଷକ ନିଯୁକ୍ତିରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷୟିତ୍ରୀ ହେଲେ ବଗେଇବିରା ଗାଁର ଝିଅ ସୁଜାତା ବିଭାର। ତାଙ୍କର ସଫଳତାର ମାର୍ଗ ସମସ୍ତଙ୍କ ଠାରୁ ଅଲଗା, ସେ ଜଣେ ସଂସ୍କୃତ ଶିକ୍ଷୟିତ୍ରୀ ହେବାର ଲକ୍ଷ୍ୟ ରଖି ବର୍ଷ ବର୍ଷ ଧରି ପରିଶ୍ରମ କରିଥିଲେ। ଛୋଟଗାଁର ଝିଅ ପ୍ରାଥମିକ ଶିକ୍ଷା ନିଜ ଗାଁରେ ସାରି, ଷଷ୍ଠ ଶ୍ରେଣୀ ପାଠପଢ଼ା ରୁ ଅନ୍ୟ ରାଜ୍ୟକୁ ଯାଇ ପାଠ ପଢ଼ିବା ସହଜ କଥା ନୁହେଁ। ଉତ୍ତରାଖଣ୍ଡର ଡେରାଡୁନ୍‌ରେ ଏକ କନ୍ୟା ଗୁରୁକୁଳରେ ଗ୍ରାଜୁଏସନ୍, ଉତ୍ତରପ୍ରଦେଶର ଲକ୍ଷ୍ନୌରେ ପିଜି ପାଠ ପଢ଼ିବା ପରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, କର୍ଣ୍ଣାଟକର ଶ୍ରୀଙ୍ଗେରୀରେ ରାଜୀବ ଗାନ୍ଧୀ କ୍ୟାମ୍ପସରେ ବି.ଏଡ୍ କରିଥିଲେ। ବାହାରେ ପାଠପଢ଼ା ସାରି ନିଜ ଘରକୁ ଆସିଥିଲେ। ତାଙ୍କର ସପ୍ନଥିଲା ସଂସ୍କୃତ ଶିକ୍ଷୟିତ୍ରୀ ହେବା। ଶିକ୍ଷୟିତ୍ରୀ ହେବାପାଇଁ ପ୍ରତ୍ୟେକ ଦିନ ଘର କାମ କରିବା ସହ ୫ ରୁ ୬ ଘଣ୍ଟା ସମୟ ବାହାର କରି ପାଠପଢୁ ଥିଲେ। କଠିନ ପରିଶ୍ରମ ହିଁ ସଫଳତାର ପ୍ରଥମ ପାହାଚ ପ୍ରମାଣ କରିଛନ୍ତି ସୁଜାତା। ତାଙ୍କର ସଫଳତା ପାଇଁ ମାଆ ବାପା, ପରିବାର, ଶିକ୍ଷକ ଓ ସମସ୍ତ ଅଞ୍ଚଳବାସୀ ଗର୍ବ ଅନୁଭବ କରୁଛନ୍ତି। ଛୋଟ ଦିନରୁ ପାଠପଢ଼ା ପାଇଁ ତାଙ୍କର ନିୟମିତ ପରିଶ୍ରମ ସଫଳତାର ମୂଳ କାରଣ ବୋଲି କୁହାଯାଉଛି।

### ପ୍ରାଦେଶିକ ମେଧା ଓ ଶ୍ରୀ ଭାରତୀକୃଷ୍ଣ ଗଣିତ ପରୀକ୍ଷା

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ସଫଳତା

**ପଦ୍ମପୁର, ୨୬।୪(ସମିସ):** ପ୍ରାଦେଶିକ ମେଧା ଓ ଶ୍ରୀ ଭାରତୀକୃଷ୍ଣ ଗଣିତ ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ପରୀକ୍ଷାରେ ୫ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ସାରା ଓଡ଼ିଶାରେ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନାମକୁ ଗୌରବାନ୍ୱିତ କରିଛନ୍ତି। ତୃତୀୟ ଶ୍ରେଣୀର ପ୍ରାଦେଶିକ ମେଧା ପରୀକ୍ଷାରେ ସିଦ୍ଧାର୍ଥ କୁମାର ସାହୁ ୮ମ ସ୍ଥାନ, ସକ୍ଷମ ସାହୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପଞ୍ଚମ ଶ୍ରେଣୀ ପ୍ରାଦେଶିକ ମେଧା ପରୀକ୍ଷାରେ କିରନ ବୁଧିଆ ୯ମ ସ୍ଥାନ ହାସଲ କରିଛନ୍ତି। ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ସପ୍ତମ ଶ୍ରେଣୀର ସ୍ୱଗତ ସାହୁ ୬ଷ୍ଠ ସ୍ଥାନ ଓ ନବମ ଶ୍ରେଣୀର ଶୋଭିତ ସାହୁ ୯ମ ସ୍ଥାନ ଅଧିକାର କରି ସୁନାମ ଅର୍ଜନ କରିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରର ପରିଚାଳନା ସମିତି, ଗୁରୁଜୀ ଗୁରୁମା, ସମସ୍ତ ଭାଇ ଭଉଣୀ, ଅଭିଭାବକ ଅଭିଭାବିକା କୃତୀ ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ଘେଁସରେ ସାରସ୍ୱତ ପ୍ରତିଭାଙ୍କ ଜନ୍ମଦିନ

# ଅନ୍ୟକୁ ଚିହ୍ନିବା ଓ ଚିହ୍ନାଇବା ପରମ୍ପରା ସମାଜକୁ ସମୃଦ୍ଧ କରିବ



**ମେଲଛାମୁଣ୍ଡା/ବିଜେପୁର/ଘେଁସ, ୨୬।୪(ସମିସ):** ସମାଜରେ ପୂଜ୍ୟପୂଜା ଓ ପ୍ରତିଭା ପରିଚୟର ଯଥେଷ୍ଟ ଆବଶ୍ୟକ୍ତା ରହିଛି। କାରଣ ଅନ୍ୟକୁ ସମ୍ମାନ ପ୍ରଦର୍ଶନ କଲେ ନିଜର ସମ୍ମାନ ବୃଦ୍ଧିପାଇଥାଏ। ମଣିଷ ପାଖରେ ଏହି ଆଚରଣ ସମୃଦ୍ଧ ହେଲେ ସମାଜ ସମୃଦ୍ଧ ହେବ ବୋଲି ବରଗଡ଼ ଜିଲ୍ଲା ସମ୍ବଲପୁରୀ ସାହିତ୍ୟ ପରିଷଦ ଆୟୋଜନରେ ଘେଁସ ଅଭିମନ୍ୟୁ ସାହିତ୍ୟ ସଂସଦ ଭବନରେ ଅନୁଷ୍ଠିତ 'ଫି ମାସେ ଗୁଟେ ଦିନ ସାହିତ୍ୟ ଭିତରେ ହେମା ଲିନ' କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ପରିଷଦର ସମ୍ପାଦକ ତଥା ଗବେଷକ ଉତ୍ପନ୍ନ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ହଳଧର ନାଗ, ମୁଖ୍ୟବକ୍ତା ଅଧ୍ୟାପକ ସୁଶାନ୍ତ ମିଶ୍ର ଏବଂ ସମ୍ମାନିତ ଅତିଥି ସାହିତ୍ୟିକ ଅଶୋକ କୁମାର ପୁଜାହାରୀ, କ୍ରାନ୍ତିକବି ହରିଲାଲ ସାହୁ ଓ କବି ପରମେଶ୍ୱର ବିଶି ଯୋଗଦାନ କରିଥିଲେ। ଏହି ଅବସରରେ ବାଟର ପଦେ କଲାପଟା ସାହିତ୍ୟ ଅନୁଷ୍ଠାନ କନସିଂହାକୁ ଭାଷାର ଧରସା ସମ୍ମାନ ପ୍ରଦାନ କରାଯାଇଥିଲା। ଦିବଂଗତ ସାହିତ୍ୟପ୍ରାଣ କବି ଖଗେଶ୍ୱର ଶେଠ, କୋଶଳ ବାଲ୍ମିକି ହେମଚନ୍ଦ୍ର ଆଚାର୍ଯ୍ୟ ଓ ନାଟ୍ୟାଚାର୍ଯ୍ୟ ହରେକୃଷ୍ଣ ପୁଜାହାରୀଙ୍କ ଜୟନ୍ତୀ ଅବସରରେ ସ୍ମୃତି ଚାରଣ କରାଯାଇଥିଲା। ସେହିପରି ଚଳିତମାସରେ ଜନ୍ମଗ୍ରହଣ କରିଥିବା ବିଶିଷ୍ଟ ସାରସ୍ୱତ ପ୍ରତୀଭା ଡ.ସୁବାସ ମେହେର, କବି ଗୌରଚରଣ ପଧାନ, ଗୁଣନିଧି ଭୋଇ, ଲକ୍ଷ୍ମଣ ମଲ୍ଲିକ, ଯୁବକବି ଉମେଶ ପଧାନ, ସ୍ୱାଧୀନ ଭୋଇ, ଅଶ୍ୱିନୀ ସାହୁ ଓ ଜଟାଧାରୀ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କରିବା ସହିତ ସେମାନଙ୍କ ସାହିତ୍ୟ ଆଲୋଚନା କରାଯାଇଥିଲା। କଥାକାର ତେଜରୁ ବାରିକ ସ୍ୱାଗତ ଭାଷଣ ଦେଇଥିବାବେଳେ କଣ୍ଠଶିଳ୍ପୀ ଦୁର୍ବାଦଳ ମେହେର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କବି ସୁରେଶ ଭୋଇ, ରୁଦ୍ର ସାହୁ, ରାଜେଶ କାରିଆ, ଭରତ ନାଏକ, ଯୋଗେଶ୍ୱର ତାଣି, ଗଣେଶ ପ୍ରଧାନ, ସୁଶାନ୍ତ ଭୋସାଗର, ଯଦୁମଣି ପଟେଲ, କୈଳାସ ରାଜହଂସ, ନିରଞ୍ଜନ ଥପା, ଦିଲୀପ ସାହୁ, ଅଧିକାରୀ ମେହେରଙ୍କ ସମେତ ବହୁ ସଂଖ୍ୟାରେ କବି ଲେଖକ ଯୋଗଦାନ କରିଥିଲେ। ଲଳିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସହକାରୀ ନିର୍ଦ୍ଦେଶକଙ୍କ ଗୃହ ଗଣନା ପ୍ରକ୍ରିୟା ସମୀକ୍ଷା



**ସମ୍ବଲପୁର, ୨୬।୪ (ସମିସ) :** ଜନଗଣନା ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖୀ ସମ୍ବଲପୁର ଗସ୍ତକରି ଗୃହ ଗଣନା ପ୍ରକ୍ରିୟାର ସମୀକ୍ଷା କରିଛନ୍ତି। ସେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବଡ଼ବଜାର, ବରେଇପାଲି, ସିନ୍ଦୂରପଙ୍କ, ଧନକଉଡ଼ା ଆଦି ସ୍ଥାନରେ ତୃଣମୂଳସ୍ତରରେ କାର୍ଯ୍ୟରତ ଗଣନାକାରୀ ଓ ସୁପରଭାଇଜର୍‌ଙ୍କ ସହ ସାମିଲ ହୋଇ ପ୍ରତ୍ୟକ୍ଷ ଭାବରେ ଜନଗଣନା କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ଗଣନାକାରୀଙ୍କ ସୁରକ୍ଷା, ଜନଗଣନାରେ ଜନ ଭାଗିଦାରୀ, ଡିଜିଟାଲ ଜନଗଣନାରେ ପ୍ରୋଦ୍ୟୋଗିକି ପରିବର୍ତ୍ତନ ଆଦି ପ୍ରସଙ୍ଗରେ ଗୁରୁତ୍ୱାରୋପ କରାଯାଇଥିଲା। ମହାନଗର ନିଗମ ଉପାୟୁକ୍ତ ସୀମା ସବିତା କୁଲ୍ଲୁ, ସୀତାଦେବୀ ମାଝୀ ଓ ଭିକ୍ଟର ସୋରେଙ୍ଗ, ସହ ଆୟୁକ୍ତ ଅଶୋକ ମିଶ୍ର, ଶ୍ରୀକାନ୍ତ ପାତ୍ର, ସୁଗମ ମିଶ୍ର ପ୍ରମୁଖ ବିଭାଗୀୟ ଅଧିକାରୀମାନେ ମଧ୍ୟ ସାମିଲ ହୋଇଥିଲେ।

# ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ଯତ୍ନ ଅପରିହାର୍ଯ୍ୟ




**କୁଚିଣ୍ଡା, ୨୬।୪(ସମିସ):** ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ଅପରିହାର୍ଯ୍ୟ, ଏହା ଦ୍ୱାରା ପରିବାର ମଧ୍ୟରେ ସମୃଦ୍ଧିର ବିକାଶ ହୋଇଥାଏ। ଏପରିକି ସଖି ପରି ବନ୍ଧୁତା ସମ୍ପର୍କ ଶାନ୍ତିର ବାର୍ତ୍ତା ଦେଇଥାଏ।କିନ୍ତୁ ବିଭିନ୍ନ ସମସ୍ୟାରୁ ଶିଶୁ ପ୍ରତି ଯତ୍ନରେ ଅବହେଳା, ମହିଳାଙ୍କ ପ୍ରତି ବିଭିନ୍ନ ହିଂସା କାରଣରୁ ପରିବାର ଅନ୍ଧକାରମୟ ହୋଇଯାଇଥାଏ।ଏହାକୁ ନେଇ କୁଚିଣ୍ଡା ବ୍ଲକର ସାଲେଭାଡି ପଞ୍ଚାୟତର ଡୁଲେସରା, ଜରଡା ଓ ତିଳେଇମାଲ ପଞ୍ଚାୟତର ବୁରୋଡ଼ିହିରେ ସାର୍କ ପକ୍ଷରୁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାର, ତଥା ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସାର୍କ ପରିଚାଳିତ କୁଚିଣ୍ଡା ୱାନ ଷ୍ଟପ (ସଖି) ସେଣ୍ଟର ପକ୍ଷରୁ ବଳାତ୍କାର, ପାରିବାରିକ ହିଂସା, ଏସିଡ ଆକ୍ରମଣ, ସାଇବର କ୍ରାଇମ, ଯୌତୁକ ନିର୍ଯାତନା, ଗୁଣିଗାରେଡି ଦ୍ୱାରା ହିଂସା ପ୍ରଭୃତି ଦିଗରେ ଆଲୋଚନା କରାଯାଇ କିଭଳି ଗୋଟିଏ ଛାତ ତଳେ ଏହାର ଗୋପନୀୟ ଭାବେ ସମାଧାନ ହୋଇ ପାରିବ ସଖି ସେଣ୍ଟରର ଦୁସ୍ମିତା ମନୋହାରୀ ଲୋକଙ୍କୁ ସଚେତନ କରିଥିଲେ। ସେହିପରି ନାବାର୍ଡ ସହାୟତାରେ ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ଯତ୍ନ ଉପରେ ପ୍ରଶିକ୍ଷଣ ସହିତ ପରୀକ୍ଷଣ ଶିବିର ମଧ୍ୟ ସମାନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ସାର୍କର ସମ୍ପାଦକ ଅଶୋକ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଡ. ରାଜାରାମ ଷଡ଼ଙ୍ଗୀ ପ୍ରଶିକ୍ଷଣ ଦେବା ସହ ପରୀକ୍ଷା କରି ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଏହାକୁ ସିଇଓ ସଞ୍ଜୀବ କୁମାର ସାହୁ, ପିଏମ ପ୍ରଭାତ ଚନ୍ଦ୍ର ପ୍ରଧାନ, ଭିଏଲଡବ୍ଲୁ ସରୋଜ କୁମାର ପ୍ରଧାନ, ଦ୍ୱିତୀୟା କିସାନ, ସଖି ସେଣ୍ଟର ପାରା ମେଡିକାଲ ମାୟାରା ବାଗ ପ୍ରମୁଖ ପରିଚାଳନା କରିଥିଲେ।

### ବାମରା ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ୨ ବର୍ଷ ଧରି ବିଇଓଙ୍କ ସହ ଅନ୍ୟାନ୍ୟ ପଦ ଖାଲି

**କୁଚିଣ୍ଡା, ୨୬। ୪(ସମିସ):** ସମ୍ବଲପୁର ଜିଲ୍ଲାର ବାମରା ବ୍ଲକରେ ଶିକ୍ଷା ବ୍ୟବସ୍ଥାର ଅବସ୍ଥା ଦିନକୁ ଦିନ ଅବନତି ଆଡକୁ ଯାଉଥିବା ଦେଖିବାକୁ ମିଳୁଛି। ଗତ ପ୍ରାୟ ଦୁଇ ବର୍ଷ ଧରି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପଦବୀ ଖାଲି ଥିବାରୁ ଶିକ୍ଷା ପରିଚାଳନାରେ ଗୁରୁତର ପ୍ରଭାବ ପଡୁଛି। କେବଳ ବିଇଓ ପଦବୀ ନୁହେଁ, ଅନ୍ୟାନ୍ୟ ଅନେକ ଦରକାରୀ ପଦବୀ ମଧ୍ୟ ବର୍ଷ ବର୍ଷ ଧରି ଖାଲି ପଡ଼ିରହିଛି ।ଯାହା ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଇଛି। ଶିକ୍ଷକ ସଂଘର ବାରମ୍ବାର ଦାବିକୁ କେହି କର୍ଣ୍ଣପାତ କରୁନାହାନ୍ତି। ସୂଚନା ଅନୁଯାୟୀ, ବାମରା ବ୍ଲକରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟସମେତ ୧୭୫ ରୁ ଅଧିକ ବିଦ୍ୟାଳୟ ଥିବା ବେଳେ ମାତ୍ର ୪ ଜଣ କର୍ମଚାରୀଙ୍କ ଭରସାରେ ବ୍ଲକର ସମସ୍ତ ଶିକ୍ଷା ବ୍ୟବସ୍ଥା ରହିଛି। ବାମରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଗତ ପ୍ରାୟ ୨ ବର୍ଷରୁ ଜଣେ ବିଇଓ, ୨ ଏବିଇଓ, ୧ ବରିଷ୍ଠ କିରାଣି, ୧ କିରାଣି, ୧ ଡିଇଓ ଓ ୧ଏମଆଇଏସ ପଦ୍ ଖାଲି ରହିଛି। ଅନ୍ୟପଟେ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଏମଆଇଏସ ପଦରେ କାର୍ଯ୍ୟରତ ଥିବା ଜଣେ କର୍ମଚାରୀଙ୍କୁ ସମ୍ପ୍ରତି ଅନ୍ୟତ୍ର ବଦଳି କରାଯାଇଥିବାରୁ ଶିକ୍ଷା ସମ୍ବନ୍ଧୀୟ ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭିନ୍ନ ଅନଲାଇନ ତଥ୍ୟ ଅଦ୍ୟତନ, ଛାତ୍ରଛାତ୍ରୀଙ୍କ ସମ୍ବନ୍ଧୀୟ ତଥ୍ୟ ପ୍ରବନ୍ଧନ, ଓ ଅନ୍ୟାନ୍ୟ ପ୍ରଶାସନିକ କାମରେ ବିଳମ୍ବ ଘଟୁଥିବାରୁ ଶିକ୍ଷକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଭିଭାବକମାନେ ମଧ୍ୟ ନାନା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ସ୍ଥାନୀୟ ଶିକ୍ଷକ ଓ ଅଭିଭାବକଙ୍କ କହିବା ଅନୁଯାୟୀ, ବର୍ଷ ବର୍ଷ ଧରି ଖାଲି ପଡ଼ିଥିବା ପଦବୀ ଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନ୍ୟପଟେ ଉକ୍ତ ବିଷୟକୁ ନେଇ ସ୍ଥାନୀୟ ଶିକ୍ଷକ ସଂଘ ମଧ୍ୟ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ନୂତନ କର୍ମଚାରୀ ନିଯୁକ୍ତି କରିବା ପରିବର୍ତ୍ତେ ଉପସ୍ଥିତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଉଥିବାରୁ ସମସ୍ୟା ଆହୁରି ଗମ୍ଭିର ହୋଇଯାଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକ, ଶିକ୍ଷକ ସଂଘ ଓ ଅଭିଭାବକମାନେ ଯଥାଶୀଘ୍ର ଖାଲି ପଦଗୁଡ଼ିକୁ ପୂରଣ କରିବା ସହିତ ବଦଳି ହୋଇ ଥିବା ଏମଆଇଏସକୁ ଫେରାଇ ଆଣିବା ଓ ଶିକ୍ଷା ବ୍ୟବସ୍ଥାକୁ ସୁଚାରୁ କରିବା ପାଇଁ ସରକାରଙ୍କ ତତ୍କାଳ ହସ୍ତକ୍ଷେପ ଦାବି କରିଛନ୍ତି। ଉକ୍ତ ବିଷୟକୁ ନେଇ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ଉତ୍ତର ଦେଇନଥିଲେ।




### ପାର୍ବତୀଗିରି ମହିଳା ମହାବିଦ୍ୟାଳୟ

# ସାଇବର ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର

**ବରଗଡ଼, ୨୬। ୪(ସମିସ):** ସ୍ଥାନୀୟ ପାର୍ବତୀଗିରି ମହିଳା ମହାବିଦ୍ୟାଳୟରେ 'କୃତ୍ରିମ ବୁଦ୍ଧିମତ୍ତା ଓ ସାଇବର ସୁରକ୍ଷା' ଶୀର୍ଷକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଆୟୋଜନ ହୋଇଯାଇଅଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୌଜନ୍ୟରେ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡା ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ପ୍ରାଧ୍ୟାପିକା ଡଃ.ପୁଷ୍ପାଞ୍ଜଳି ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବରଗଡ଼ ସାଇବର ଥାନାର ଡି ଏସ୍ ପି ସୁମନ୍ତ କିଷାନ, ଚିରାଗ ରଥ, ସୁବ୍ରତ ମଜୁମଦାର ଓ ରାହୁଲ ପଣ୍ଡା ଅତିଥି ଭାବେ ଯୋଗଦେଇ ପିପିଟି ମାଧ୍ୟମରେ ଏଆଇ ଓ ସାଇବର ସିକ୍ୟୁରିଟି ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହ ସଂଯୋଜକ ଡଃ.ଦେବେନ୍ଦ୍ର ବେହେରା ଓ ଜିଲ୍ଲା ପ୍ରୋଗ୍ରାମ ଅଫିସର ରାଜୀବ ସାହୁ ମଞ୍ଚାସୀନ ଥିଲେ। ଉକ୍ତ ଆଲୋଚନାଚକ୍ରରେ ବରଗଡ଼ ଜିଲ୍ଲାର ପ୍ରାୟ ୨୦ ଟି ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଓ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦ ଓ ମୌସୁମୀ ଲିଜା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ବିଶ୍ୱଜିତ ସାହୁ ଓ ଅମିତ କୁମାର ଭାର୍ଗବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ତୁଳମୁକ୍ତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କିସାନ ସମାଜରେ ବିଶୃଙ୍ଖଳାସୃଷ୍ଟିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଦାବି



**କୁଚିଣ୍ଡା, ୨୬।୪(ସମିସ):** ୫୫୦ କିସାନ ଜାତି ସମାଜ ମହାଗୁଡ଼ି ଅଧୀନରେ ପରିଚାଳିତ ହେଉଥିବା କିସାନ ସମାଜରେ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ଜାତି ସମାଜକୁ ଖଣ୍ଡ ଖଣ୍ଡ କରୁଥିବା ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ଧୋତି ଶୋଭାରାମ, ପଞ୍ଚାନନ ପ୍ରଧାନ, ମୋହନଲାଲ କିସାନ, ଲିଙ୍କନ କିଣ୍ଡୋଙ୍କ ମୁହଁରେ କାଳି ବୋଲା ପୋଷ୍ଟର ପ୍ଲାକାର୍ଡ ଧରି ବହୁ ସଂଖ୍ୟାରେ କିସାନ ସମାଜର ପୁରୁଷ ମହିଳା ଏକତ୍ରିତ ହୋଇ କୁଚିଣ୍ଡା ପଞ୍ଚାୟତ ସମିତି ପରିସରରୁ ବିରାଟ ପଟୁଆରରେ ବାହାରି ବିଶୃଙ୍ଖଳାକାରୀଙ୍କ ବିରୋଧରେ ସ୍ଲୋଗାନ ଦେଇ ସହର ପରିକ୍ରମା କରି କୁଚିଣ୍ଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରତିବାଦ ସଭା ସମାଜ ର ସଭାପତି ଧରଣୀଧର ପିଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ଧୋତି ଶୋଭାରାମ, ପଞ୍ଚାନନ ପ୍ରଧାନ, ମୋହନଲାଲ କିସାନ, ଲିଙ୍କନ କିଣ୍ଡୋ ପ୍ରମୁଖ ସମାଜକୁ ଖଣ୍ଡ ଖଣ୍ଡ କରି ସମାଜରେ ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟପାଳଙ୍କ ଉଦ୍ଦେଶ୍ୟ ରେ କୁଚିଣ୍ଡା ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଶୋଭାରାମ ପ୍ରଧାନ, ମହେନ୍ଦ୍ର ବାଘ, ଖତୁନାଥ ପିଙ୍ଗ, ଭୁବନେଶ୍ୱର କିସାନ, ଖୁସିରାମ ଛତ୍ରିଆ, କୃଷ୍ଣଚନ୍ଦ୍ର ଟପ୍ପୋ ପ୍ରମୁଖଙ୍କ ସହ ଶହ ଶହ ସଂଖ୍ୟାରେ ପୁରୁଷ ମହିଳା ସାମିଲ ଥିଲେ। କୁଚିଣ୍ଡା ଉପଜିଲ୍ଲାପାଳ ଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଲୋଚନ ଶବର ଦାବିପତ୍ର ଗ୍ରହଣ କରିବା ସହ ତୁରନ୍ତ ରାଜ୍ୟପାଳଙ୍କ ନିକଟକୁ ପଠାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ।

### ପାଇପ୍ ବିଛାଇବା ବେଳେ ରାସ୍ତା ଖୋଳିଦେଲେ

# ମରାମତି ପାଇଁ ଶୁଣୁନି ଠିକା ସଂସ୍ଥା

**ପଦ୍ମପୁର, ୨୬।୪(ସମିସ)**



ପ୍ରତି ୱାର୍ଡ ଓ ଘରକୁ ପାଣି ପାଇପ୍ ବିଛାଇବା ବେଳେ ଠିକାଦାର ରାସ୍ତାକୁ କଂକ୍ରିଟ ଫଟାଇ ଭାଙ୍ଗିରୁଜି ପାଇପ୍ ବିଛାଉଛନ୍ତି ମାତ୍ର ପାଇପ ବିଛାଇ ସାରିବା ପରେ ରାସ୍ତା ମରାମତି କଥା ଭୁଲି ଯାଉଛନ୍ତି ଯାହାକି ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ପଦ୍ମପୁର ଥାନା ଛକରୁ ମେଜର କର୍ଟ ରାସ୍ତାରେ ସମସ୍ୟା ସୃଷ୍ଟି ହୋଇଛି। ବ୍ଲକକୁ ଯାଉଥିବା ଲୋକ, ଚିକିତ୍ସା ପାଇଁ ଯାଉଥିବା ରୋଗୀ, ମନ୍ଦିର ଯାଉଥିବା ଲୋକ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ଠିକା ସଂସ୍ଥା ରାସ୍ତା ନଷ୍ଟ କରି ମରାମତିର ନାଁ ଧରୁନି। ସେହିପରି ପଦ୍ମପୁର ଭେଉଁରିଆ ଛକରୁ କପସିଲା ଛକ ପର୍ଯ୍ୟନ୍ତ ପାଇପ ଲାଇନ ମରାମତି କାର୍ଯ୍ୟ ନାମରେ ବିଜୁ ଏକ୍ସପ୍ରେସ୍ ରାସ୍ତାକୁ ବିଭିନ୍ନ ସ୍ଥାନରେ ଖୋଳି ଦେଇ କେବଳ ଥୁକ୍ ପାଲିସ ମରାମତି କରିଛନ୍ତି। ଯାହାକି ସେଠାରେ ଗର୍ତ୍ତ ସୃଷ୍ଟି ହେବାରୁ ପଥଚାରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ମଧ୍ୟ ନିରବତା ଅବଲମ୍ବନ କରିବା ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ସୁରମନ୍ଦିର ଏକାଡେମୀର ବାର୍ଷିକ ଉତ୍ସବ

**ବରଗଡ଼, ୨୬। ୪(ସମିସ):** ବିଜୁପଟ୍ଟନାୟକ ଟାଉନ୍‌ହଲରେ ସୁର ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନାଚାର୍ଯ୍ୟ ଅନୁରାଧା ମହାନ୍ତି ତାଙ୍କ ସ୍ୱାମୀ ନାରାୟଣ ବାରିକଙ୍କ ସହଯୋଗରେ ଅନୁଷ୍ଠାନ ଆଗେଇ ନେଇଛନ୍ତି। ଅନୁଷ୍ଠାନରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ଏବଂ ଚିତ୍ରାଙ୍କନ ଶିକ୍ଷା ପ୍ରଦାନ କରାଯାଏ। ଶିକ୍ଷକ, ଶିକ୍ଷୟତ୍ରୀ ଭାବେ ଚନ୍ଦ୍ରିକା ନାଗ, ସୀମା ନାୟକ, ସୁଶୀଳ ପ୍ରଧାନ, ଉଦ୍ଧବ ଚରଣ ଭୋଇ ଏବଂ ଶଙ୍କର ବେହେରା ପ୍ରମୁଖ ରହିଛନ୍ତି ।ଉତ୍ସବରେ ମୁଖ୍ୟଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ ପଦ୍ମଶ୍ରୀ ହଳଧର ନାଗ, ଏବଂ ନୃତ୍ୟ ଗୁରୁ ଶଙ୍କର ପଟ୍ଟନାୟକ। ବକ୍ତା ଭାବରେ ଡ.ତପସ୍ୱୀନୀ ଗୁରୁ। ଉତ୍ସବରେ ସହଯୋଗ କରିଥିଲେ ମନୋଜ ମହାନ୍ତି, ନାରାୟଣ ବାରିକ, ଜୟ ପ୍ରକାଶ ପୂଜାରୀ, ଅପରୂପା ମହାନ୍ତି, ପୁଷ୍ପକ ନାୟକ, କୁନ୍ତିଲତା ନାଗ, ଶିବାନନ୍ଦ ମଟାରି। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗଙ୍କୁ ସମ୍ମାନିତ କରିବା ପାଇଁ ଚନ୍ଦ୍ରିକା ନାଗଙ୍କ ଦ୍ୱାରା ଲିଖିତ କବିତା ପଠନ ସହ ହଳଧର ନାଗଙ୍କ ଏକ ଫଟୋ ଚିତ୍ର ପ୍ରଦାନ କରିଥିଲେ।



